ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ୨୦୧୧ ଓ ୨୦୧୨ ପାଇଁ
# ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଘୋଷିତ
## ଡ. ମଧୁସୂଦନ ପତିଙ୍କୁ ୨୦୧୫ ପାଇଁ ଅତିବଡୀ ଜଗନ୍ନାଥ ପୁରସ୍କାର

ଭୁବନେଶ୍ୱର
୧୦/୦୯/୨୦୧୫

ବିଶିଷ୍ଟ ସାହିତ୍ୟିକ ତଥା ସମାଲୋଚକ ଡକ୍ଟର ମଧୁସୂଦନ ପତିଙ୍କୁ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୫ ମସିହା ପାଇଁ ଅତିବଡୀ ଜଗନ୍ନାଥ ଦାସ ପୁରସ୍କାର ପ୍ରଦାନ କରାଯିବ । ଓଡ଼ିଶା ସାହିତ୍ୟ ଏକାଡେମୀର ଏହି ସର୍ବୋଚ୍ଚ ପୁରସ୍କାର ବାବଦରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ କାର୍ଯ୍ୟକାରୀ ପରିଷଦ ବୈଠକରେ ଘୋଷଣା କରାଯାଇଛି ।

୨୦୧୧ ଓ ୨୦୧୨ ମସିହା ପାଇଁ ବିଭିନ୍ନ ବିଭାଗରେ ଏକାଡେମୀ ପୁରସ୍କାର ବିଜେତାମାନଙ୍କ ନାମ ଘୋଷିତ ହୋଇଛି । ୨୦୧୧ ମସିହା ନିମନ୍ତେ 'ଶୂନ୍ୟକାଳ' ଉପନ୍ୟାସ ପାଇଁ ସତ୍ୟପ୍ରିୟ ମହାଳିକ, କ୍ଷୁଦ୍ର ଗଳ୍ପରେ 'ରାତିର ଅଜବ ଦୃଶ୍ୟ' ପାଇଁ ସାରଦା ପ୍ରସାଦ ମିଶ୍ର, କାବ୍ୟ କବିତାରେ 'ଅଭାଜନ' ପାଇଁ ପୀତାମ୍ବର ତରାଇ, ନାଟକ ଓ ଏକାଙ୍କିକାରେ 'ଚଇତୁ ହାଟ' ପାଇଁ ନିବେଦିତା ଜେନା, ପ୍ରବନ୍ଧ ଓ ସମାଲୋଚନାରେ 'ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି, ୧ମ ଭାଗ(ଇତିହାସ), ଓଡ଼ିଆ ଜାତିର ଇତିହାସ ଓ ସଂସ୍କୃତି, ୨ୟ ଭାଗ(ସଂସ୍କୃତି)' ପାଇଁ ପ୍ରବୋଧ କୁମାର ମିଶ୍ର, ଜୀବନୀ ଓ ଭ୍ରମଣ ସାହିତ୍ୟରେ 'ମୋ ଜୀବନ' ପାଇଁ ରମା ଦେବୀ, ଅନୁବାଦରେ 'ତେଜସ୍ୱିନୀ' ପାଇଁ ସୀତେଶ ତ୍ରିପାଠୀ, ଶିଶୁ ସାହିତ୍ୟରେ 'କଥା କଳସ' ପାଇଁ ରାଜ କିଶୋର ପାଢୀ ଓ ଗୀତି କବିତାରେ 'ତୁମେ' ପାଇଁ ମନୋଜ ପଟ୍ଟନାୟକଙ୍କୁ ଏକାଡେମୀ ପୁରସ୍କାର ମିଳିବ ।

ସେହିପରି ୨୦୧୨ ମସିହା ନିମନ୍ତେ 'ଛାୟା ପୁରୁଷ' ଉପନ୍ୟାସ ପାଇଁ ନବକିଶୋର ରାଜ, କ୍ଷୁଦ୍ର ଗଳ୍ପରେ 'ଚରିତ୍ର ଚଉପାଶ' ପାଇଁ ଅଜୟ ସ୍ୱାଇଁ, କାବ୍ୟ କବିତାରେ 'ନଷ୍ଟ ହୋଇଯିବାର ମୋହ' ପାଇଁ ହରପ୍ରସାଦ ପରିଚ୍ଛାପଟ୍ଟନାୟକ, ନାଟକ ଓ ଏକାଙ୍କିକାରେ 'ଧର୍ମାବତାର ଓ ଅନ୍ୟାନ୍ୟ ନାଟକ' ପାଇଁ ଚିନ୍ତାମଣି ଜେନା, ପ୍ରବନ୍ଧ ଓ ସମାଲୋଚନାରେ 'ଶ୍ରୀଜଗନ୍ନାଥ ମନ୍ଦିରର କଳା ଓ ସ୍ଥାପତ୍ୟ(ପ୍ରଥମ ଓ ଦ୍ୱିତୀୟ ଭାଗ)' ପାଇଁ କୃଷ୍ଣଚନ୍ଦ୍ର ମିଶ୍ର, ଜୀବନୀ ଓ ଭ୍ରମଣ ସାହିତ୍ୟରେ 'ମାନବତାର ମହାନ ତୀର୍ଥ' ପାଇଁ ସୌରୀବନ୍ଧୁ କର, ଅନୁବାଦରେ 'କମଳେଶ୍ୱରଙ୍କ ଶ୍ରେଷ୍ଠ କାହାଣୀ' ପାଇଁ ବିଳାସିନୀ ମହାନ୍ତି, ଶିଶୁ ସାହିତ୍ୟରେ 'ତା ଧେଇକି' ପାଇଁ ଦେବରାଜ ସାମନ୍ତରାୟ ଓ ଗୀତି କବିତାରେ 'ଚିତ୍ର ମେଘର ଚିଠି' ପାଇଁ ସତ୍ୟ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯିବ । ଏକ ସ୍ୱତନ୍ତ୍ର ଉତ୍ସବରେ ବିଜେତାମାନଙ୍କୁ ସମ୍ମାନିତ କରାଯିବ ।

ଆଜି ଏକାଡେମୀର ଏହି ବୈଠକରେ ସଭାପତି ଶ୍ରୀ ସାତକଡି ହୋତା ଅଧ୍ୟକ୍ଷତା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସଚିବ ଶ୍ରୀ ଅଶ୍ୱିନୀ କୁମାର ମିଶ୍ର ମଧ୍ୟ ଉପସ୍ଥିତ ଥିଲେ ।

**ସୂର୍ଯ୍ୟ ମିଶ୍ର,**

ସୂଚନା ଅଧିକାରୀ